ଗନିଘର,
Canton, Ohio ପ୍ରଦେଶ
ମାର୍କିନ ଦେଶ
୧୪.୮.୮୭

ପରମ ପୂଜନୀୟ ଭାଇ,

ମୋର ଓ ଗଜିର ଭୂମିଷ୍ଠ ପ୍ରଣାମ ଜାଣିବେ । ପିଲାମାନଙ୍କୁ, ବୋହୂକୁ, ଯୋଇଁ ତିହ୍ନିଙ୍କୁ, ନାତି ନାତୁଣୀଙ୍କୁ ଆମର ଶୁଭାଶୀର୍ବାଦ । ସମୁଦିମାନଙ୍କୁ ଦଣ୍ଡବତ । ଆଶା, ସମସ୍ତେ ଭଲ ଥିବେ ଓ ଗୁଗୁଲି କାନ୍‌ପୁରରେ ଭଲ ପଢୁଥିବ । ଆସନ୍ତା ପହରଦିନ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ; ଆମେରିକାର ପ୍ରାଚୀନ 'ମାୟା' ଆଦିବାସୀଙ୍କ ପ୍ରାଚୀନ ପାଞ୍ଜି ଅନୁସାରେ ସେଦିନ ସକାଳ ୮ଟାରେ ଏ ପୃଥିବୀରେ ଲୋକଙ୍କ ଭିତରେ ସ୍ନେହ, ମୈତ୍ରୀ, ଶାନ୍ତି, ସୁନୀତି, ସଦାଚାର କାମୀ ଚେତନା, ଖେଳିବା ଆରମ୍ଭ ହେବ ଓ ୨୦୯୨ ଖ୍ରୀ.ଅ.ରେ ସାରା ପୃଥିବୀରେ ମଣିଷ ଚରିତ୍ର ବଦଳି ଯାଇଥିବ । ଯୁଦ୍ଧ, ଅଶାନ୍ତି, ଅତ୍ୟାଚାର, ଅନୀତି ଲୋପ ହୋଇଥିବ । ସେଦିନ ଏଠୁ ମୁଁ ଓ ଗନି ଅନିପାଖକୁ କାଲିଫର୍ଣ୍ଣିଆ ଫେରିବୁ ।

ସେହିଦିନ ଆପଣଙ୍କ ଶୁଭ ଜନ୍ମଦିନ । ଭଗବାନଙ୍କୁ ଜଣାଉଛି ଯେ ଆପଣଙ୍କୁ ଆହୁରି ଚାଳିଶ ବର୍ଷ ଯାକେ ସୁସ୍ଥ, ସବଳ, ନିରୋଗ, ନିଶ୍ଚିନ୍ତ, ପ୍ରଫୁଲ୍ଲ, ସକ୍ରିୟ, ସର୍ଜନଶୀଳ ରଖିଥାନ୍ତୁ । ଆପଣଙ୍କ ଉପସ୍ଥିତି ଓ ସାଧନା ଓଡ଼ିଆ ସାହିତ୍ୟିକମାନଙ୍କୁ ପ୍ରେରଣା ଯୋଗାଉଥାଉ, ସଦ୍‌ବିଚାର, ସଦ୍‌ବୁଦ୍ଧି ଦେଉଥାଉ । ଆପଣଙ୍କ ହାତରୁ ପ୍ରତିବର୍ଷ ଅନ୍ତତଃ ଖଣ୍ଡେଲେଖାଁ ନୂଆ ଉପନ୍ୟାସ ବାହାରୁ ଆଉ ଆପଣ ଆହୁରି ଯଶଶ୍ରୀ ପାଉଥାନ୍ତୁ । ଭଗବାନ କରନ୍ତୁ ଆପଣଙ୍କର ସବୁ ପ୍ରକାର ଅସ୍ୱସ୍ତି ଦୂର ହେଉ ।

ଓଡ଼ିଆ ସାହିତ୍ୟକୁ ଆପଣଙ୍କ ଆବିର୍ଭାବ ଅବିସ୍ମରଣୀୟ ଐତିହାସିକ ଘଟଣା । ତା' ପୂର୍ବରୁ ଓଡ଼ିଆ ଉପନ୍ୟାସର ଆରମ୍ଭ ଦିନଠାରୁ କାଁ ଭାଁ ହୋଇ ହାତ ଆଙ୍ଗୁଠିରେ ଗଣି ହେଲା ଭଳି କେତୋଟି ଉପନ୍ୟାସ ଥିଲା, ଅଧିକାଂଶ ଖାଲି ବଡ଼ଗପ, ନାଁକୁ ଉପନ୍ୟାସ । ବଡ଼ଭାଗଙ୍କ କଳ୍ପନାର ଧୂଆଁ, ଓଡ଼ିଶାର ସାଧାରଣ ମଣିଷଙ୍କ ନୀରବ ଜୀବନକ୍ରିୟାର ବିଭିନ୍ନ ସମସ୍ୟା, ଦୀର୍ଘଶ୍ୱାସ ଆଉ ଲୁହ, ହସ ଆଉ ଆଶାର ବାଲି ଦେଉଳ–ସେ ସାହିତ୍ୟରେ ପଡ଼ି ନଥିଲା । ଆପଣଙ୍କ ଉପନ୍ୟାସ ବାଟେ ଗରିବ ଓଡ଼ିଆଙ୍କ ପାଟି ଫିଟିଲା । ସେ ଡାକି କହିଲା, 'ଦେଖ ମତେ, ମୁଁ ଓଡ଼ିଆ, ମୋ ବିଶିଷ୍ଟତାରେ ମୁଁ ସ୍ୱତନ୍ତ୍ର, ସ୍ୱାଧୀନ, ମୁଁ କାହା ହାତଗଢ଼ା ଖିଆଲ ନୁହେଁ, '-ism' ନୁହେଁ । ମୋ ଦୁଃଖେ ସୁଖେ ମୁଁ ମର୍ଯ୍ୟାଦାବନ୍ତ । ଚିହ୍ନ ମୋତେ, ମୋ ଦେଶକୁ, ମୋ ସମାଜକୁ ।' ଗୋଟିଏ ସ୍ୱଚ୍ଛ, ସ୍ୱତନ୍ତ୍ର, ସ୍ୱାଧୀନ ଆଭିମୁଖ୍ୟ ନେଇ ଆପଣ ଉପନ୍ୟାସ ଲେଖିବସିଲେ– 'ଭାଷାରେ, ବିନ୍ୟାସରେ, ବିଷୟବସ୍ତୁରେ, ଆକାରରେ ମୋ ବହି ଏଭଳି ହେବ ଯେପରି ପ୍ରତ୍ୟେକ ସାଧାରଣ ଓଡ଼ିଆପଢ଼ାଲୋକ ତାକୁ ପଢ଼ିବ, ବୁଝିବ, ଖୁସିପାଇବ, ଆପଣାର କରି ଆଦରିନେବ ।'

ଆପଣଙ୍କ ବହି ଓଡ଼ିଶାର ଘରେ ଘରେ, କିଏ ନ ପଢ଼ିଛି ? କିଏ ନ ଖୋଜେ ?

କାଲିଫର୍ଣ୍ଣିଆର ପୃଥିବୀ ପ୍ରସିଦ୍ଧ ବର୍କଲେ ୟୁନିଭରସିଟି ଲାଇବ୍ରେରୀରେ, ସାନ୍ତାକ୍ରୁଜ୍ ଲାଇବ୍ରେରୀରେ ଦେଖି ଆସିଲି ଆପଣଙ୍କର ସବୁ ଉପନ୍ୟାସ ଅଛି । ସେମିତି ଅନ୍ୟତ୍ର ଥିବ । ହାଭାର୍ଡ଼ରେ, ଚିକାଗୋରେ, ୟେଲ୍‌ରେ, ପ୍ରିନ୍‌ସଟନ୍‌ରେ...

ଆପଣଙ୍କ ଶୁଭ ଜନ୍ମତିଥି ଉପଲକ୍ଷରେ–ପଛକୁ ଚାହୁଁଛି ।

ମତେ ସେତେବେଳେ ଚାରି–ପାଞ୍ଚବର୍ଷ, ଆପଣ ଓ ଧୂଳ ଭାଇ ବାପାଙ୍କ ସାଙ୍ଗେ ନାଗବାଲି ଆସିଲେ । ଆପଣଙ୍କୁ ଏଗାର ବାରବର୍ଷ । ଲଙ୍ଗଳା ହୋଇ ଆପଣ ତେଲ ଲଗାଉଥାନ୍ତି । ମୁଁ 'ବାବ୍ ବାବ୍' କଲି ବୋଉ ତଡ଼ି ଦେଲା କହିଲା 'ଭାକ୍ ଭାକ୍' । ବୋଉ ଡାକ ପକାଏ, 'ମୋ ଧୂଳିରେ, ମୋ କହ୍ନାରେ–ସମସ୍ତେ ଡାକନ୍ତି କହ୍ନେଇ–କେଡ଼େ ସୁନ୍ଦର ସୁହାଗିଆ ନାଆଁ ସେ । ବାପା କହୁଥାନ୍ତି, 'କହ୍ନେଇ ହେବ କବି (ହେଲେତ, ଔପନ୍ୟାସିକ ବି କବି, ସଂସ୍କୃତ ସାହିତ୍ୟ ସୂତ୍ର ଅନୁଯାୟୀ ଉପନ୍ୟାସ ଗଦ୍ୟକାବ୍ୟ ।) ଡାକ୍ତର ହେବ । ଆପଣ କ'ଣ ସବୁ ଗଳ୍ପ ଲେଖିଥାନ୍ତି ଖାତାଟିରେ, ହେଲେ ଚିତ୍ର କରିଥାନ୍ତି, ନାନା ଫଳପତ୍ର ଫୁଲର ରଙ୍ଗରଙ୍ଗ ରସରେ ତାକୁ ରଙ୍ଗେଇ ଥାନ୍ତି ।

ତା' ପରବର୍ତ୍ତୀ ସମୟ, ଭାଇ ମୋତେ ନେଇଗଲେ ପାଟନା–୧୯୧୯ । ସେତେବେଳକାର ଦିନ ଦିନର ଘଟନା ଆପଣଙ୍କର ଧୂଳ ଭାଇଙ୍କର ଗୋଡ଼ିଆ ଗୋଡ଼ି ମାଡ଼ ମରାମରି, ବେଶୀ ମାଡ଼ ଖାଆନ୍ତି ଧୂଳ ଭାଇ ଆଉ ମୁଁ ହୋଇଥାଏ ଆପଣଙ୍କ ହାତରେ କଞ୍ଚା କୁମ୍ଭାର ମାଟି ମୁଣ୍ଡା, ଆପଣଙ୍କ ଆପ୍ରାଣ ଚେଷ୍ଟା ମୋତେ ପାଠ, ବିଶେଷତଃ ଇଂରେଜୀ ଭାଷା ଗିଳେଇବାକୁ, ଯେମିତି ଲୋକେ ଦେଖିବେ, ମୁଁ ଗୋଟାଏ prodigy –ମୁଁ ଘୋଷୁଥାଏ । ପ୍ରତିଦିନ ଟାସ୍କ ଦେଇ ଇସ୍କୁଲକୁ ଯିବେ, ଫେରିଲା ମାତ୍ରେ 'କିରେ ଗୋପ, ହେଇଚି ?' ସଙ୍ଗେ ସଙ୍ଗେ ପରୀକ୍ଷା । ଭୁଲ ହେଲେ ମାଡ଼, କେବେ କେବେ ପାଇଖାନା ଘରେ ବନ୍ଦ କରି କିଳିଣି ଲଗା (ସେହି ପାଇଖାନା ଘର ଉଚ୍ଚ ପାହାଡ଼, ଭାଇ ବୋଧହୁଏ ତାହାରି ମଡ଼େଲରେ ଡଗରପଡ଼ାରେ ତାଙ୍କ ପାଇଖାନା ତୋଳିଲେ !) (ସେଇ ପାଇଖାନା, ଜହ୍ନ ରାତିରେ ଯେଉଁଠିକି ଯାଇ କଦଳୀ ଗଛ ହଲିଲା ଛାଇ ଦେଖି ମୁଁ ଚୋର ଚୋର ରଡ଼ିଲି ଓ ଆପଣ, ଧୂଳ ଭାଇ ତିନିହେଁ ଦୁଆରେ ଧରାପରା ହୋଇ ଡେଇଁ ଡେଇଁ 'ଚୋ ଚୋ' ରଡୁଥିଲୁ ଭାଇ ନିଦ ବାଉଳା ହୋଇ ଉଠି ଆମ ମୁଣ୍ଡ ଥାପୁଡ଼େଇ ଶାନ୍ତ କଲେ ବାରି ଦୁଆର ମେଲା କରିଦେଲେ, ଦାଣ୍ଡ ବାଟେ ପୋଲିସ୍ ପହରା ବାବୁ ଦି'ଜଣଙ୍କୁ ଡାକିଆଣି ଦେଖାଇ ଦିଆଗଲା ସେଇବାଟେ ଚୋର ପଳାଇଛି ସିଦ୍ଧାନ୍ତ କରି ଦୁଇ ମୋଟା ମୋଟା ନିଶୁଆ ପହରା ବାଲା ଶୁଣାଇଲେ– 'ଶଶୁରା ଚୋର ଭାଗ୍ ଗଲୋ ।'

ଲଙ୍ଗ୍ ମ୍ୟାନ୍ସ ଇଂଲିସ୍ ରିଡ଼ର୍ସ ପ୍ରାଇମର ଓ ବୁକ୍ ୱାନ୍ ସେଇଠି ମୋତେ ପିଆଇଥିଲେ ଆପଣ ଇଂରାଜୀ ଜ୍ଞାନ ଲାଗି ମୋ ମୂଳଦୁଆ ଦୂରନ୍ତ କରି ଗଢ଼ିଥିଲେ, ଓଡ଼ିଆ ବି ପିଆଇଥିଲେ । ମତେ exhibit କରି ପଦାକୁ ନେଇ ନାନା ସ୍ଥାନରେ ମତେ ପ୍ରଶ୍ନ ପଚାରି demonstrate କରିଥିଲେ । ମୁଁ ଏକ prodigy ।

ଓଁ କି ମାଡ଼ ! ଭାଉଜୋଉ ପିଠିରେ ପଡ଼ିଥିଲେ । ଅତି desparate ହୋଇ କବାଟ ଉହାଡ଼ରେ ଠିଆ ହୋଇ ମୁଁ ସାନପାଟିରେ କହୁଥିଲି, ''ଧୂଳିଆ ମରୁ, କହ୍ନେଇ ମରୁ ।'' ଜାଣିପାରିଲେ ଆହୁରି ମାଡ଼ । ମନେପଡୁଛି ତାଠୁଁ ବଳି କାଟୁଥିଲା ଯେତେବେଳେ, ଆପଣ ଅଡ଼ି ବସୁଥିଲେ ଭାଇ, ଭାଉଜଉ ଗାଳି ଦେଉଛନ୍ତି ତ, ଆଉ ଦିନେ ଗୋପିଆକୁ ପଢ଼େଇବି ନାହିଁ । ଯା' ତୁଲିକି ଯା', ଆଉ ଦିନେ ନାଇଁ ।

ପଢ଼ା ମନେନାଇଁ । ତାହାଲେ ମୋର କି ଅବସ୍ଥା ହେବ ଭାବି ଭାବି ମୁଁ ହାଲିଆ, ମନ ମରିଯାଏ ।

ତା'ପରେ ମୁଁ ଗାଁକୁ ଆସିଲି । ଆପଣ ଦୁହେଁ ସେଠିକି ଫେରିଲେ ୧୯୨୨ରେ;ମୁଁ ବୋଉ ପାଖରୁ ଶିଖି ରାମାୟଣର ଛାନ୍ଦ ଗାଇ ଶିଖିଥାଏଁ, ଗାଉଥାଏଁ, ବାପାଙ୍କ ନିର୍ଦ୍ଦେଶରେ ସଂସ୍କୃତି 'ଅମରକୋଷ'ରୁ କିଛି ଘୋଷିଥାଏଁ, ରାମଭାଇ ପ୍ରେରଣାରେ ଗାଁ ଲାଇବ୍ରେରୀ (ବନୁ ବାରିବାଡ଼କୁ ଲାଗି କସ୍ତୁର ଘର ଆଡ଼କୁ ମୁହଁକରି ବଖୁରିକିଆ ଘର) ରୁ ନୀଳକଣ୍ଠ, ଗୋପବନ୍ଧୁ ଆଦିଙ୍କ କିଛି ବହି ଘୋଷିଥାଏ, ଆପଣଙ୍କଠୁ ଶିଖି ଗାଉଥାଏ ।

''??? ଭଞ୍ଜକବି ଯହିଁ ଜନ୍ମିଥିଲେ ଧନ୍ୟ ପୁଣ୍ୟ ଗଞ୍ଜାମ ।'' ବନୁଠୁଁ ଶିଖିଥାଏଁ ''ରଞ୍ଜିତ ଅସି ଧାରେ, ଶତ୍ରୁ ରକ୍ତ ଗାରେ''

୧୯୨୧/୨୨ ରେ କଂଗ୍ରେସ ଆନ୍ଦୋଳନରେ ଆମ ଗାଁ ଉଠୁଥାଏ, ପଡୁଥାଏ । ଭିଣୋଇ ଦ୍ଧମଦନ ଭାଇ ବେକରେ ହାର୍‌ମୋନିୟମ୍ ଝୁଲେଇ ଜାତୀୟ ସଂଗୀତ ଗାଇ ଗାଇ ପିଠିରେ ଖଦଡ଼ ବୋକଚାରୁ ଖଦଡ଼ ବିକୁଥାନ୍ତି, ଆପଣ ଦୁହେଁ ବିଦ୍ରୋହୀ ପୁସ୍ତକମାନ ବିକୁଥାନ୍ତି, ବାନ୍ଧିଥିବା ବିଲାତିଲୁଗା ଗଦା ହୋଇ ଜଳୁଥାଏ ।

ଆପଣ ଦିହେଁ ପି.ଏମ୍. ଏକାଡ଼େମୀରେ ପଢୁଥାନ୍ତି । ଗାଁରୁ ଯାଆସ କରୁଥାନ୍ତି । ସେତେବେଳେ ବି ଆପଣ ଲେଖୁଥାନ୍ତି ଗଳ୍ପ, ଉପନ୍ୟାସ, ସ୍କୁଲ ଛାତ୍ର ଥିବାବେଳେ । କାହୁଁ କାହୁଁ ମନରୁ ଫାନ୍ଦି କହୁଥାନ୍ତି କାହାଣୀ, କଥା ବନେଇ ଚୁନେଇ ଲମ୍ବେଇ କହି 'ମନ ମୋହିବା' (''କବି କବିତା, ଚାତୁରୀରେ ମନ ମୋହନ୍ତି'', ରହସ୍ୟ ମଞ୍ଜରୀ କାବ୍ୟରେ କବି ଦ୍ଧ ଦେବଦୁର୍ଲଭ ଦାସ) ଆପଣଙ୍କ ଉପନ୍ୟାସରେ ଯେଉଁ ସହଜ ଉତ୍‌ପ୍ରେକ୍ଷା, ସସ୍‌ପେନ୍ସ, ତାହା ଆପଣଙ୍କ କାହାଣୀଗୁଡ଼ାରେ ବି ଥିଲା । ତେଣୁ ସେତେବେଳେ ବି ଦେଖିଛି ଗାଁରେ ଆମ ଖଞ୍ଜାରେ କି ମଇଧରପଡ଼ା ବୁଲିଗଲେ ଆପଣଙ୍କ ପଛରେ ପଞ୍ଝାକ ଗୋଡ଼ାଇଥାନ୍ତି 'କାହାଣୀ କହ, କାହାଣୀ କହ ।'

ତା'ପରେ ଆପଣମାନେ ଦି'ଭାଇ ସାମନ୍ତ ହଷ୍ଟେଲ୍‌ରେ ରହିଲେ । ଗାଁରେ ବାପା ବୋଉଙ୍କ ପାଖେ ମୁଁ । ବାପା ଚାକିରୀ ଇସ୍ତଫା ଦେଇ ଆସିଥାନ୍ତି । ଘରେ ଉତ୍କଟ ଅଭାବ; ଥରେ ଚାଉଳ ସରିଗଲା; କିନ୍ତୁ ଜମିରେ ଆଳୁ ହୋଇଥିଲା । ବାପା ଅଡ଼ର୍ ଦେଲେ ''ଚାଉଳ ପରିବର୍ତ୍ତେ ଆଳୁ ଖାଇବା ।'' ସେଇଆ ହେଲା, ଆମେ ଆଇରିସ୍‌ମାନଙ୍କରୁ ଶିଖିନାହୁଁ । ସେ ଥିଲା ବାପାଙ୍କ ଉଦ୍‌ଭାବନ । ଥରେ ଆମର ବାଲି ବାଲିଆ ଜମିଥିଲା, ତହିଁରେ କୋଳଥ ହୋଇଥିଲା । ଆମେ ଆଳୁସିଝା ସଙ୍ଗେ ମୁଖ୍ୟ ଖାଦ୍ୟ କଲୁ କୋଳଥ ଯାଉ, କୋଳଥ ପଇତି । ମନେଅଛି, ବାପା ସେ ବୟସରେ ବାଡ଼ ବୁଜି (ନିଜ ହାତରେ କାଟି ହାଣି, ଖୁଣ୍ଟ ବିକି, ଖୁଣ୍ଟ ପୋତି କାମୁଡ଼ା ଭିଡ଼ି) ବାରିକରି ପରିବା ଚାଷ କରିଥିଲେ । ଜାଳେଣି କାଠ ଫାଳି କରୁଥିଲେ (ଥରେ କାଠ ଛେଲାଏ ଛିଟିକି ଆସି କପାଳରେ ବାଜିଲା ଯେ ଧାର ଧାର ରକ୍ତ ବୋହିଲା, ବୋଉ କନା ପୋଡ଼ି ଅଙ୍ଗାର ମାଡ଼ିଲା) ସେ ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିଥିଲେ–ମହାତ୍ମାଗାନ୍ଧୀ କହିବା ଆଗରୁ ।

ତା'ପରେ ଦିନେ ବୁଝିବେ । ସବୁଦିନ ପରି ମୁଁ ମୋ ଇତର ମତିର ସାଙ୍ଗପିଲାଙ୍କ ସଙ୍ଗେ ଖେଳୁଥିଲି କଦମ ଦାଣ୍ଡରେ, ଦେହ ଧୂଳି ସରସର ଆପଣ ଆସି ମୋ ମୁଣ୍ଡବାଳ ଓ କାନକୁ ଧରି ବିଲେଇ ତା' ଛୁଆଙ୍କୁ ବୋହିନେଲା ପରି ବାପାଙ୍କ ଆଗରେ କଚାଡ଼ି ଦେଇ କୋରି ଦେଇଗଲେ । କହିଲେ, ଏଇଟାର ଆଉ ପାଠକୁ ମନ ଯାଉନାହିଁ, ଯାହା ଶିଖିଥିଲା ପୋଡ଼ି ଖାଇଲାଣି । (ବାପା କହିଲେ, ''ସେଇଟାକୁ ମାର୍‌ନା ।'') ମତେ ବୁଝେଇ ଲାଗିଲେ ଯେ ମୁଁ ତ ପଢ଼ିଲି ନାଇଁ ଭବିଷ୍ୟତରେ ମୁଁ ହଳ କରିବି । ମୋ ଭାଇ ଦିହେଁ ଅଫିସର୍ ହେବେ । ବଡ଼ଲୋକ ହେବେ । ମୁଁ ହଳରୁ ଫେରି ବଳଦ ବାନ୍ଧିଦେଇ ଗାଧୋଇ ଆସି ଖାଇବାକୁ ମାଗିଲେ ଭାଉଜମାନେ ମୁହଁ ମୋଡ଼ି କହିବେ, ''ହଳିଆ ଆମର ଦାଣ୍ଡ ଦୁଆରେ ପଖାଳ କଂସାଏ ଆଳୁ ଦେବା, ସେ ଆଉ ପିଣ୍ଡାକୁ...

ସେଇଟା ୧୯୨୨ ସାଲ ଖରାଦିନ, ମୋ ମୁଣ୍ଡରେ ଛଳ ପଶିଲେ । ଦିପହରେ ଘରୁ ପଳେଇଲି ବନ୍ଧେ ବନ୍ଧେ, କାହାକୁ ନକହି ବାଟ ପଚାରି ପଚାରି କଟକ ପହଞ୍ଚି ସାମନ୍ତ ହଷ୍ଟେଲ୍ ଘରେ ଆପଣ ଦିହିଙ୍କ ଭେଟି ଭୋ ଭୋ କାନ୍ଦିଲି, କହିଲି ମୁଁ ଇସ୍କୁଲରେ ପଢ଼ିବି ।'' ମତେ ଆପଣ ଦିହେଁ ବୁଝାଇଲେ;ପେଡ଼ା ଖୁଆଇଲେ, ଦିନେ ନେଇ ପି.ଏମ୍. ଏକାଡ଼େମୀ ବୁଲେଇଲେ, ଗୋଟାଏ କ୍ଲାସ୍‌ରେ ବସାଇଲେ, ତା'ପରେ ଘରେ ଛାଡ଼ିଦେଇ ଆସିଲେ । ମୁଁ ପାଠ ପଢ଼ିବାକୁ ଏଠୁ ପଳେଇଲି ଜାଣି ବାପାଙ୍କୁ ଖୁବ୍ ବାଧିଲା । ସେ ପୁଣି ଚାକିରି ଖୋଜିଲେ, ବାହାରିଲେ, ମତେ ସଙ୍ଗରେ ଘେନିଗଲେ–ସେଠୁ ଫେରି ସୋନପୁର ଗଲେ । ମୋରି ପାଇଁ ବାପା ଦୁର୍ବଳ ସ୍ୱାସ୍ଥ୍ୟର ୫୯ ବୟସରେ ଚାକିରି କରିବାକୁ ଓ ମରିବାକୁ ଚାଲିଗଲେ ।

୧୯୨୬ ଆମେ ସବୁ ପାଟ୍‌ନା ଆସିଲୁଁ । ଆପଣ ଧୂନୀକୁ କାନ୍ଧରେ ପକେଇଥାନ୍ତି, ସେ ଖାଲି ଆପଣଙ୍କ ପିଠିଯାକ ଛେରୁଥାଏ । ଆପଣ ନିର୍ବିକାର । ପୁଣି ଆରମ୍ଭ କଲେ ମତେ ପାଠ ପଢ଼େଇବା । ଅଳ୍ପଦିନ ଇଞ୍ଜିନିୟରିଂ ପଢ଼ିଲେ । ପ୍ରାୟ ବର୍ଷେ ପଢ଼ି ଛାଡ଼ିଦେଇ ଫେରିଲେ, ସେଇ ଅପରାହ୍ଣ ମୋର ମନେଅଛି । ଦୁଆରେ ପଶି ବୋଉକୁ ଦେଖି କାନ୍ଦି ପକେଇ କହିଲେ, ''ବୋଉ ମୁଁ ଇଞ୍ଜିନିୟରିଂ ପଢ଼ା ଛାଡ଼ିଦେଇ ଆସିଲି ।''

ସେ ଝରଝର କାନ୍ଦି, ବେଙ୍ଗା ମୁହଁ କରି ହାଉଳି ହେଲା, ଆହାମୋ ଦଇବରେ ! ଆଜି ତୋ ବାପା ବଞ୍ଚିଥିଲେ ତୁ ଏତେସରି ହେଇଥାନ୍ତୁରେ ମୋ କହ୍ନା ।''

ଆପଣ ଚାଲିଗଲେ କଟକ, ୧୯୧୯ ରେ ଆମର 'ପିତୃ ସମ୍ବତ୍ସର' । ପୁଣି ଦେଖା ୧୯୩୪ ରେ, ମ୍ୟାଟ୍ରିକ୍ ଦେଇ ମୁଁ କଟକ ଗଲି । ଷ୍ଟେସନ୍‌କୁ ଆପଣ ଆସିଥିଲେ । ବଡ଼ ବଡ଼ ସୋହି ଚିଆ ଗଛତଳେ ଦେବଦାରୁ ଗଛ ତଳେ ନାଗ ଅଇରି ବଣ ବାଟେ ଅଣଓସାର ଧୂଳିଆ ନାଲିମାଟିର ରାସ୍ତା ସ୍ଥାନେ ସ୍ଥାନେ, ଦି'କରେ ଗଛ ଓ ବାଉଁଶ ବଣ ଭିତରେ ଘର, ମାଟିକାନ୍ଥ, ଚାଳଘର, କେତେ ଭଙ୍ଗା କବର ମଶା ଘାଉଁ ଘାଉଁ, ବାଦୁଡ଼ି ଚେଁ ଚେଁ ପାତିମାଙ୍କଡ଼ ଶେଁ ଶେଁ ହତଶ୍ରୀ କଟକ, ବାଟେ ବାଟେ ଦିଶୁଥାନ୍ତି ଗୋଦରା, ଓଳିଆ ଝୁଲା, ପିହ୍ଲେଇ ପେଟା ହାତଗୋଡ଼ ସରୁ ସରୁ ଖାଲି ଧିହ ମଣିଷଗୁଡ଼ାକ । ଆପଣ ମତେ ନେଇ ଗଲେ ମଇଧର ପଡ଼ା ବସା, ହସହସ ମଧୁସୂଦନ ସାମନ୍ତରାୟ, (ପରେ କୁଷ୍ଟ ରୋଗୀ ହୋଇ ମଲେ) ପାଛୋଟିଲେ । ଆପଣ ମହାନଦୀ ଡିଭିଜନ୍‌ରେ, passed Accts Clerk, କାବୁଲି ଭାଇ ଋଣଗ୍ରସ୍ତ (ବୋଧହୁଏ ଧୂଳିଭାଇଙ୍କ ବାହାଘର ପାଇଁ ଋଣ ଅଣାଯାଇଥିଲା ।) କିନ୍ତୁ କି ତେଜ କି ସାହସ କି ଆଶା କି ନିର୍ଭରତା ଆପଣଙ୍କର । କି ବଳିଷ୍ଠ ସକ୍ରିୟତା ସବୁ ବିଷୟରେ । ମୁଣ୍ଡରେ ମୁଣ୍ଡେ କୁଞ୍ଚୁକୁଞ୍ଚିଆ ବାଳ । ଦମ୍ଭିଲା ମୁହଁ ପୂରିଲା ପୂରିଲା । ନିଡ଼ରୁଆ ଫାଳଫାଳ ଆଖି, ବଳିଲା ବଳିଲା ହାତଗୋଡ଼, ଦମ୍ଭଦେହ, ଦଣ୍ଡି ବୈଠକ କରୁଥିଲେ ।

ଅତି ମାତ୍ରାରେ ସ୍ୱଦେଶପ୍ରେମୀ, ଉଗ୍ର ଇଂରେଜ୍ ବିରୋଧି ସ୍ୱାଧୀନତାକାମୀ ରଜା ଜମିଦାର ଧନୀ ଶାସକ ଅତ୍ୟାଚାରୀଙ୍କ ବିରୁଦ୍ଧରେ ଆପଣଙ୍କ ବିଚାର ଓ ସ୍ୱର-ମତେ ଖୁବ୍ ଉଦ୍‌ବୁଦ୍ଧ କରୁଥିଲେ, ନଇବାଲି, ବକ୍ତୃତା ଶୁଣିବାକୁ ଯାଉଥିଲେ । ବିଚାର ରଖିଥିଲେ ଯେ ଇଂରେଜ ଯିବେ ଚାଲି, ରାଇଜ ସ୍ୱାଧୀନ ହେବ । ତା' ପରେ ହେବ ସବୁ ଅତ୍ୟାଚାରୀଙ୍କ ବିଚାର ଓ ଦଣ୍ଡ, ସାମାଜିକ ନ୍ୟାୟ ପ୍ରତିଷ୍ଠିତ ହେବ । ଦରିଦ୍ର ଅବହେଳିତ ହୋଇ କେହି ରହିବେ ନାହିଁ । ଆପଣ ସେତେବେଳେ ତେଜୋମୟ ମୂର୍ତ୍ତି, ବେକ ଠିଆ କରି ବାହା ଝାଙ୍କି ଛକି ପକେଇ ଛାତି ଫୁଲେଇ ଗାର ଡେଇଁ ଅନେଇଁ ଠିଆ ହ'ନ୍ତି, ଆପଣଙ୍କ ଭାବପ୍ରବଣ ନାକପୁଡ଼ା ଫୁଲି ଫୁଲି ଉଠେ ।

ଆଖିରେ ଥାଏ ନିଆଁ ଓ ସ୍ୱପ୍ନ । ଆପଣଙ୍କ ଭାଇ ବୋଲି ମୁଁ ଆପଣଙ୍କ ଯୋଗୁ ଗର୍ବ ଅନୁଭବ କରେଁ ।

ଆଉ ଆପଣଙ୍କଠି ଥିଲା ଦୁଃଖୀ-ଦରିଦ୍ର, ଅତ୍ୟାଚାରିତଙ୍କ ପ୍ରତି ଗଭୀର ଆତ୍ମତ୍ୟାଗୀ ମମତା, ତାଙ୍କ ଦୁଃଖରେ ଆପଣ ଭାସି ଯାଉଥିଲେ । ପରିସ୍ଥିତି ପ୍ରତି ସଚେତନ, ସତର୍କ ଯଥା ବିହିତ କର୍ତ୍ତବ୍ୟକାରୀ, ଅଥଚ ଆଦର୍ଶବାଦୀ, କୋମଳ, ସହୃଦୟ, ପରପ୍ରୀତି, ସହାନୁଭୂତିଶୀଳ, ସାହାଯ୍ୟକାରୀ, ଖାଲି ତୁଣ୍ଡ କଥାରେ ନୁହେଁ, କାର୍ଯ୍ୟରେ, ମନରେ, ନିଜ କଥାକୁ ପଛକରି ଦେଶ କଥା, ସମାଜ କଥା-

ସେହି ବ୍ୟକ୍ତିତ୍ୱ ଦେଦୀପ୍ୟମାନ ହେଉଥାଏ, ଯାହାଙ୍କଠି ସେ ଥିଲେ ଆପଣ-ମୋର ଭାଇ, ମୋର ପଢ଼ାଳି, master, ନିର୍ଭର ଖୁଣ୍ଟ, ଡ୍ୟାମ୍‌କେୟାର୍, ବେପରବାୟ, ସାହସୀ ମଣିଷ ଓ ଯୁବ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି । 'ବାଲିରାଜା' ବାହାରିଲା, 'ପଳାତକ', 'ନିଷ୍ପତ୍ତି', 'କା' ପଛକୁ ପଛ 'ହା ଅନ୍ନ' । ସୁଅ ମୁହଁ ଖୋଲି ଯାଇଥିଲା । ପଡ଼ିଲା ଚହଳ ।

ଚହଳ ପଡ଼ିଛି ଏବେ ବି ପ୍ରାୟ ଷାଠିଏ ବର୍ଷ ପୂରିବାକୁ ହେଲା । ଧାର ଚାଲିଛି, ପାଣି ଶୁଖୁନାହିଁ-ଭଗବାନ କରନ୍ତୁ, ଚାଲିଥାଉ ।

କାଲି ଚିଠି ନ ସରୁଣୁ ଡାକବାଲା ଚାଲିଗଲା । ଆଜି ଅଗଷ୍ଟ ୧୫ ସକାଳ ୧୯୪୭ ଅଗଷ୍ଟ ରାତି, ୧୨ଟାରୁ ଆରମ୍ଭ କରି ପ୍ରତିବର୍ଷ ସେତେବେଳେ ଯେମିତି ଠାକୁରଙ୍କୁ ମୁଣ୍ଡିଆ ମାରେ, ଭାରତର ଓ ପୃଥିବୀର ଶୁଭ ମନାସେ । କାଲି ରାତି ୧୨ଟାରେ ବି ସେହିପରି କଲି । ଏଠି ଆମ ଦେଶ ପତାକା ନାହିଁ । ଯେଉଁଟି ଗତ ବର୍ଷ ବାବୁଲି ପଠେଇଥିଲା । ସେ ଅଛି ଅଞ୍ଜିଘରେ, କ୍ୟାଲିଫର୍ଣ୍ଣିଆରେ । ଗତବର୍ଷ ତାକୁ ଉଡ଼େଇଥିଲି । 'ଜନଗଣ' ଗାଇଥିଲୁ; ଏବର୍ଷ ସେମାନେ ଯାଇଛନ୍ତି ଅନ୍ୟାନ୍ୟ ଓଡ଼ିଆ ବନ୍ଧୁଙ୍କ ସଙ୍ଗେ ପିକ୍‌ନିକ୍ କରିବାକୁ । ସମୁଦ୍ର ଉପକୂଳର ଜଙ୍ଗଲକୁ, ଦେଖିପାରୁଛି, ଆମ ଦେଶର ଯାହା କିଛି ବିଘଟନ ଦିଶୁଛି, ସେସବୁ ଗୋଟିଏ ମହାନ ଶିଶୁର ବଢ଼ିଲାବେଳର ଯନ୍ତ୍ରଣା-ସେମିତି ହୁଏ । ଶିଶୁର ଚେହେରା ନିଶ ଗଜୁରିଲାବେଳେ ବଦଳିଯାଇଥିବ-ଆର୍ଥିକ, ରାଜନୈତିକ, ସାଂସ୍କୃତିକ, ନୈତିକ ସବୁ କ୍ଷେତ୍ରରେ, ଦେଶର ସେ ସଂପୂର୍ଣ୍ଣ ବିକାଶ ରୂପ ଦେଖିବାକୁ ଆମେ ଥିବୁଁ କି ନଥିବୁଁ ମୁଁ ଜାଣେ ନାହିଁ, ଥିଲେ ନଥିଲେ କିଛି ଯାଏ ଆସେ ନାହିଁ । ଜନସାଧାରଣ, ସାଧାରଣ ଖଟିଖିଆ ମଳିମୁଣ୍ଡିଆମାନେ-ଭୂଇଁର ଘାସ, ପତର, ଗୋଡ଼ଦଳା ଛେଳି ମେରୋ, ଯାହାକୁ ଖୁଣ୍ଟି କରି ନଣ୍ଡା କରନ୍ତି, ସେମାନେ ଚେତୁଛନ୍ତି, 'ପୂର୍ଣ୍ଣଗ୍ରାସ' ଦେଖିବାକୁ ଗ୍ରହଣ ବେଳରେ ସେତିକି ଆମ ଜନ୍ମ, ବଞ୍ଚିଥିଲେ ହୁଏତ ଦେଖିବା ଭାରତ ଜହ୍ନର ସର୍ବମୋକ୍ଷ ।

(ଏଥିରେ ସାତଟି ତରଭୁଜ ମଞ୍ଜି ଗଲା । ଲଗେଇବେ । ଫଳିଲେ ଗୋଟିକ ୧୫ ପାଉଣ୍ଡ । ଭିତର ଅଙ୍କ ଯେ ଉପରୁ ପୋଲାଯାଏ ୩ ଇଞ୍ଚ ମୋଟା । ଚିନିପରି ମିଠା ।)

ହଁ ଆପଣଙ୍କ କଥା କହୁଥିଲି । ପିତ୍‌ବ୍ଲୁଡିର ମହନଦୀ ଡିଭିଜନ୍ ଅଫିସ୍‌ରେ ପାସ୍‌ଡ୍ ଆକାଉଣ୍ଟସ୍ କ୍ଲର୍କ-ପଇସାଟିଏ କାହାକୁ ମାଗିବି ନାହିଁ । ଲୁଣ ଟିକିଏ ବି, ପଇସାଟିଏ କାହାର ଧାରିବି ନାହିଁ । ମରି ସରି ଶୁଝିବି କାବୁଲି ଋଣ, 'ହାତେ ହାତେ ସବୁ କରିପାରିବି । କରିବି ଦରକାର ପଡ଼ିଲେ, ପାଇଖାନା ସଫା, ନଳା ସଫା, ମୋ ବାସନ ମଜା, ଲୁଗା ସଫା ଓ ଇସ୍ତ୍ରୀ, ରୋଷେଇ, କୂଅ ଜଂଜୁଳା, ମାଛ ମାଂସ Dressing ବନାବନି ଓ ରନ୍ଧା, ବଗିଚା ବାରି, ଠୁକୁରୁ ଠାକୁରୁ କାମ, ଯେତେ ପ୍ରକାରର, ସବୁ ମୁଁ-ନିଜେ ସଂପୂର୍ଣ୍ଣ ସ୍ୱାବଲମ୍ବୀ, ମୋ ବିଶ୍ୱାସ ମୋ ନିଷ୍ପତ୍ତି ମୋ ଦିହାତ ଦି ଗୋଡ଼ ଉପରେ..., ସତ କହିବି, ସ୍ପଷ୍ଟ ମତ, ଠୋ ଠୋ, ମୁହେଁ ମୁହେଁ, ସତ୍‌ରେ ଚଳିବି, ନିଷ୍ଠାପର ଭାବେ ସଚ୍ଚୋଟ । ଦୁନିଆକୁ ଚିହ୍ନିଛି ସବୁ ଛଟାଗଳା ବହୁରୂପୀ ସ୍ୱାର୍ଥପର କପଟଚାତୁରୀ, ସବୁ ଭାବପ୍ରବଣତା ସତ୍ତ୍ୱେ ସମସ୍ତଙ୍କଠି ଥାଏ ସ୍ୱାର୍ଥ, ସ୍ୱାର୍ଥପର ଅଭିସନ୍ଧି, ବ୍ୟବହାରରେ ଅଭିନୟ ଛୋଟଲୋକିପଣ-ହସିବି ନାଁ କାନ୍ଦିବି, ଘୃଣା ହୁଏ । କିନ୍ତୁ ତାକୁ ଠେଲି ମନ ଭିତରୁ ଉଠେ କରୁଣା । ଆହା ! ବିଚରା ! ସେ କ'ଣ ନିଜେ ଦାୟୀ ନା ତାକୁ ତା' ଅବସ୍ଥା, ତା' ପରିସ୍ଥିତି ସେପରି କରଉଛି । ଠକର ଉଧାର ମାଗିଲେ ଯେତିକି ମୁଁ ଦିଏ ଏଇଆ ନିଷ୍ପତ୍ତି କରି ଉଧାର ଦିଏଁ ଯେ ଉଧାର ନୁହେଁ, ଦାନ, ଯେ ଆଉ ଫେରିବ ବୋଲି ମୁଁ ଭରସା ରଖେ ନାହିଁ, ସ୍ୱାର୍ଥପର-ସ୍ୱାର୍ଥପର, ସମସ୍ତେ ସ୍ୱାର୍ଥପର ।

କିନ୍ତୁ ଏଇମାନଙ୍କୁ ନେଇ ତ ମୋର ସଂସାର, ମୁଁ ତାଙ୍କଠୁଁ ପଳାଇବି ନାହିଁ । ତାଙ୍କୁ ଘେନି ଚଳିବି, କିନ୍ତୁ ସବୁବେଳେ ସଚେତ ହୋଇ, ସତର୍କ ହୋଇ–''

ସେତେବେଳେ କେତେକେତେ ବଡ଼ ଲୋକ ଥିଲେ । ଦାମ୍ଭିକ ପରାକ୍ରମୀ ଧନୀମାନେ, କ୍ଷମତାଶାଳୀ ଅଫିସର୍‌ମାନେ, ସେମାନେ କ'ଣ ସ୍ୱପ୍ନରେ ଭାବିଥିଲେ ଯେ ତାଙ୍କୁ ଦେଖୁଛି ଯୋଡ଼ିଏ ଉଜ୍ଜ୍ୱଳ ଆଖି, ଟିକିନିଖି ତନ୍ନ ତନ୍ନ କରି ଅଣ୍ଡାଳି ଚୁପୁଡ଼ି ତଉଲି ପରଖି ଦେଖୁଛି ଆଖି ଯୋଡ଼ିଏ–'କ୍ରାନ୍ତିଦର୍ଶୀ' ଗଦ୍ୟ କବିର ଆଖି, ସେଇ ଆଖିବାଟେ ଫଟୋ ନେଇ ଯାଇ ସାଇତି ରଖୁଛି ।

ଯେମିତି ଏ ଶତାବ୍ଦୀର ଆରମ୍ଭରେ ସମ୍ବଲପୁରରେ ଏସ୍‌ଡିଓ ମିସଜ୍‌ରେ ଉଞ୍ଚବେଦୀ ଉପରେ ଆସୀନ ବଙ୍ଗୀୟ ଏସ୍.ଡ଼ି.ଓ, ତଳେ–ହଲ୍ ଚଟାଣରେ, ତଳେ ଥୁଆ ସାନ୍ତଢାଲୁ ଡେସ୍କ ଉପରେ ହାତ ରଖି ବସିଛି କ୍ଷୁଦ୍ର ମୂଷିକଟିଏ,–ସେ ଏସ୍‌ଡ଼ିଓ ସାହେବଙ୍କ ଭର୍ଣ୍ଣାକୁଲର୍ ବେଞ୍ଚର୍କ୍କର୍, ଜିକିଜିକି ଆଖି ଜଳୁଛି ପଡ଼ି, ବିଲୁଆ ଗାତ ପରି ଅନ୍ଧାରୀ ଖପର୍ଲି ବଖୁରୀରେ ତା' ବସାକୁ ଫେରି ଡିବି ଜାଳି ଖାତାଟିଏ ଖୋଲୁଛି । ଦାନ୍ତ ଚିପି ଚିପି ରାଗରେ ଫଁ ଫଁ ନିଃଶ୍ୱାସ ଛାଡ଼ି କାହା ଛାତିକି ଈର୍ଷାରେ ଭିଣାଭିଣି କଲାପରି ଲେଖିଯାଉଛି ।

''ମନ ଯାର ରତ ସଦା ପରସ୍ୱ ହରଣେ
ଧନ ଯାର ବିଗଳିତ ଗଣିକ ଚରଣେ
ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ଭାର
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।''
(କବି ଗଙ୍ଗାଧର ମେହେର)

ନାନା ପଟୁ ନାନା ପ୍ରକାରେ, ନାନା ବାଗରେ ଦେଖିଥିବା ସେହି ଦୁନିଆର ମଣିଷମାନଙ୍କୁ ଆପଣ ଲେଖାରେ ଆଙ୍କିଲେ, ଆପଣଙ୍କ ବିଶାଳ ଛବି ପରେ ଆଉ ଜାଗା ଅଛି କି ନାହିଁ ଜାଣେ ନାହିଁ ।

ଆଉ ଆପଣ ଗଢ଼ିଲେ ମତେ, ମୋର formative years ରେ ଶିକ୍ଷାଦେଇ, ଉପଦେଶ ଦେଇ, ଅନୁଶାସନ ଦେଇ, ମାଡ଼ ଦେଇ, ଗାଳି ଦେଇ, ସ୍ନେହ ଓ ସାନ୍ତ୍ୱନା ସହାନୁଭୂତି, ଆଶା, ସାହାଯ୍ୟ ଦେଇ ମୋର କେମିତି ଉନ୍ନତି ହେବ ସେଇଆ ଭାବି ଘରେ ଦାବି ଡରେଇ, ଅବା ଆହୁରି କେମିତି efforts ଲଗେଇବି ସେଥିପାଇଁ ମତେ ଚିନ୍ତିତ କରେଇ, ବାହାରେ ମୋତେ ଉଚ୍ଛ୍ୱସିତ ପ୍ରଶଂସା କରି, ମୋର ଦୋଷଦୁର୍ବଳତା ଉଣ୍ଡି ଉଣ୍ଡି ଖୋଜି ଓ ତାକୁ ଉପଦେଶ ଦ୍ୱାରା ଛଡ଼େଇ, ନିଜ କାର୍ଯ୍ୟ ନିଜ ଉଦାହରଣ ଦ୍ୱାରା ମତେ ବାଟ ଦେଖେଇ, ମତେ ଗଢ଼ିଲେ ଆପଣ । ମୁଁ ବୋଧହୁଏ ଆପଣଙ୍କର ପ୍ରଥମ କୃତି, ଉପନ୍ୟାସଠୁଁ ବଳି ଓ ସେହିକଥା କହିଛି ମୁଁ 'ହରିଜନ' ଉପନ୍ୟାସର ଆରମ୍ଭରେ ଅଳ୍ପ କେଇଧାଡ଼ି dedication ରେ ଯେ ମୋ ହାତରେ ଦେଲେ ଖଡ଼ି, ମୁହଁରେ ଦେଲେ ଭାଷା...''

ଆମ ଦୁହିଁଙ୍କ ସଂପର୍କରେ କେତେଗୁଡ଼ିଏ ଆଶ୍ଚର୍ଯ୍ୟ ବୈଚିତ୍ର୍ୟ ବାରିହୁଏ । ଯଦିଚ ଏକଂ ପଟ୍ଟଭୂମି ଆମର, ଭାଷାର source ଏକ, ଅଧିକାଂଶ ଅନୁଭୂତି common ଓ ଆଭିମୁଖ୍ୟର ବହୁତ ବାଟ ତାପରେ ଦୁଇଟି ଧାରା ଆଶ୍ଚର୍ଯ୍ୟ ଲାଗେ–ଆମ ଭିତରେ ୮ ବର୍ଷର generation gap ଥାଇ ବି ଆମେ ଠିକ୍ ସମବୟସ୍କ ପରି ଚଳୁଥିଲୁ । ଯୁକ୍ତିତର୍କ କରୁଥିଲୁ, ସେ କେବେ ସମାଧାନ ହୁଏ ନାହିଁ ।

ଓଠରେ ପୂର୍ବେ ଟାଣିଥିବା ଖଣ୍ଡିଏ ବିଡ଼ିର ଅଧା, ଛାତି ତଳେ ତକିଆଟିଏ, ତା' ମୁହଁରେ ବଉଳ ଫୁଲଗୁଡ଼ିଏ (କେବେକେବେ) ମଇଳା କି ସଫା ସପ ଉପରେ ପେଟେଇ ପଡ଼ି ଆପଣ, ହାତରେ କଲମ, ଆଗରେ ଲଣ୍ଠନଟିଏ,ମଝିରେ ମଝିରେ ମଶା ହୁରୁଡେଇବାକୁ ଗାଲ ଉପରେବାହା ଉପରେ ଥାପଡ଼,–ଲେଖା ଚାଲିଚି ।

ପହରିକିଆ ସଂକୀର୍ଣ୍ଣନିଆ ପୋଖରୀହୁଡ଼ା ବାଟେ ନାଚି ନାଚି ଗାଇ ଗାଇ ଗଲେଣି, ପହରିକିଆ ବିଲୁଆ ଭୁକି ସାରିଲେଣି, ରାତି ଦଶ, ଏଗାର, ବାର ଲେଖା ଚାଲିଚି–ଫୁଟି ଉଠୁଛନ୍ତି, ଗୋଟିକି ଗୋଟି–ହାଅନ୍ନ, ଦୁନିଆର ଦାଉ, ତୁଣ୍ଡ ବାଇଦ, ଶାସ୍ତି...ଚାଲିଛି ଚାଲିଛି, ଚାଲିଛି...

''ଭଗ୍ନପୃଷ୍ଠ କଟୀଗ୍ରୀବା ତୁଲ୍ୟ ଦୃଷ୍ଟି ଅଧୋମୁଖଃ
ଯତ୍ନେନ ଲିଖିତଂ ଗ୍ରନ୍ଥ ପୁତ୍ରବତ୍ ପରିପାଳୟେତ୍ ।''

ସେଇଆ ମତେ ଅନୁପ୍ରାଣୀତ କରିଥିଲା, ଆଶା ଓ ସାହସ ଦେଇଥିଲା ଯେ ମୁଁ ବି ଲେଖକ ହେବି । ମୋର ଆଦ୍ୟ ଲେଖାକୁ ଆପଣ ଉତ୍ସାହିତ କରୁଥିଲେ । ମତେ ନେଇଯାଇଥିଲେ 'ସହକାର' ର ବାଳକୃଷ୍ଣ କରଙ୍କ ପାଖକୁ, ମୋ ଲେଖାଟି ତାଙ୍କୁ ଦେଇଥିଲେ, ମୋର ଅନେକ ଗପ ଛପା ହୋଇ ବାହାରିଲା ପରେ ଆପଣ ତହିଁରେ ନମ୍ବର ଦେଇଥିଲେ । 'ପରଜା' ବାହାରିଲାବେଳେ ମୁଁ କୋରାପୁଟ ଜିଲ୍ଲାରେ । ଆପଣ ପଢ଼ି ଚିଠିଟିଏ ଲେଖିଥିଲେ କାର୍ଡ଼ରେ (ବହୁ ବର୍ଷ ସାଇତି ରଖିଥିଲି, ଶେଷରେ ଦିନେ ଉଇ ଲାଗି ତାକୁ ଓ ଅନ୍ୟାନ୍ୟ ବହୁତ ଚିଠିପତ୍ର କାଗଜ ଖାଇଦେଲା...)

''ଏଇ ଗୋଟିଏ ଉପନ୍ୟାସ ମୋ ଦେଶର ମୁହଁ ଉଜ୍ଜ୍ୱଳ କରିବ, ଦେଶରେ ଚହଳ ପକାଇବ ।...'' ସେ ଥିଲା ୧୯୪୪ । ଏବେ ୧୯୮୬ ଜୁନ୍‌ରେ । ଦିଲ୍ଲୀର Oxford University Press ପରଜାର ଇଂରେଜ୍ ଅନୁବାଦ ବାହାର କରିଛନ୍ତି । ମୁଁ କରିଥିବା ଅନୁବାଦ ଉପରେ କାମ କରି ଡକ୍ଟର ବିକ୍ରମ ଦାସ (ପାଟନା ଦ୍ଧ ଗଜେନ୍ଦ୍ର ବାବୁ ଓକିଲଙ୍କ ପୁଅ) ତାଙ୍କୁ condense କରିଛନ୍ତି ଓ ସେ ଅନୁବାଦ କାମ ଭଲ ହୋଇଛି, ଭାରତରେ ଲମ୍ୱା ଲମ୍ୱା ରିଭ୍ୟୁ କେତୋଟି ବାହାରି ସାରିଛି, ଆମେରିକା ଓ ବିଲାତରେ ସେହି ଇଂରେଜ୍ ଅନୁବାଦକୁ ଛାପୁଛନ୍ତି । ଇଂରେଜି ପରଜା ଆପଣଙ୍କ ପାଖେ ପହଞ୍ଚିବ ।

କାଲି ଅଞ୍ଜି ପାଖକୁ ଯିବି । ଆମେରିକା କଥାପରେ ଲେଖିବି । ଏଠି ଲୋକେ ୮୦/୯୦ ବର୍ଷରେ ବି ସୁସ୍ଥ, ସବଳ, ସକ୍ରିୟ । ଏବେ

ଜଣେ ୧୧୦ ବର୍ଷ ବୟସ୍କା ଭଦ୍ର ମହିଳା Mirage Jet Plane ଚଢ଼ି ବିଲାତରୁ ଆମେରିକା ଆସିଲେ, ପହଂଚି ଗାଡ଼ିରେ ବୁଲୁଛନ୍ତି । କାଲିଫର୍ଣ୍ଣିଆର ଜଣେ ୯୧ ବର୍ଷ ବୟସ୍କା ଜାପାନ୍‌ର ଫୁଜିଆମା ପର୍ବତରେ ୧୩ ହଜାର ଫୁଟ ଉଚ୍ଚ ବରଫାବୃତ୍ତ ଶୃଙ୍ଗରେ ଚଢ଼ିଲେ । ଯେଉଁମାନଙ୍କୁ ଶହ ବା ତଦୁର୍ଦ୍ଧ ହୋଇଥାଏ ପ୍ରତିଦିନ ଟିଭି ତାଙ୍କରି ନାଁ ଗାଁ କହେ । ରେଗାନ୍‌ଙ୍କର, ଥରେ ପେଟ କ୍ୟାନ୍‌ସର ଅପରେସନ୍ ହୋଇସାରିଚି, ନାକ ଉପରେ skin ଦି'ଥର କଟା ହୋଇଛି, ଥରେ ଜଣେ ଗୁଳି ମାରିଥିଲା, ତଥାପି ସେ କେଡ଼େ ସୁସ୍ଥ ସବଳ । ଘୋଡ଼ା ଚଢ଼ି ଦୌଡ଼ନ୍ତି । ପହଁରନ୍ତି, ନାହା ପେଲନ୍ତି, ଗଲ୍‌ଫ ଖେଳନ୍ତି, ଧାଁ ଦଉଡ଼ କରନ୍ତି ଇରାନ୍‌ର ଖୋମେନିକି ୮୬ ବର୍ଷ, ତାଙ୍କ ବଡ଼ ଭାଇକି ୯୬ ବର୍ଷ, ତାଙ୍କ ବାପା ଏବେ ୧୧୬ ବର୍ଷରେ ଆମ୍ବଗଛରୁ ପଡ଼ି ମଲେ । ବୟସକୁ ଡରିଲେ ନାହିଁ ।

ଆଜ୍ଞାଧୀନ

ଗୋପବୁବନେଶ୍ୱର

୨୭.୧୦.୬୮